ISSN -2583-147X, Vol.- 9, Issue No.II, May 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଶାର ଲୋକୋକ୍ତିରେ ଉଦ୍ଭିଦ ଜଗତ

ଡକ୍ଟର ବସନ୍ତ କୁମାର ସାହୁ

ସୃଷ୍ଟିରେ ମନୁଷ୍ୟ ସମାଜ ଉଦ୍ଭିଦ ଜଗତ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ମଣିଷର ଧର୍ମ ବିଶ୍ୱାସ, ବସ୍ତୁ ସଂସ୍କୃତି ଓ ଅନ୍ୟାନ୍ୟ ସମସ୍ତ ଜୀବନଚର୍ଯ୍ୟାରେ ପ୍ରକୃତିର ବରଦ ହସ୍ତକୁ ଅନୁଭବ କରାଯାଇ ପାରେ । ପ୍ରକୃତିକୁ ଆଧାରକରି ସୃଷ୍ଟିରେ ମଣିଷ ନିଜର ସ୍ଥିତାବସ୍ଥା ବଜାୟ ରଖିପାରିଛି ।

ମଣିଷର କିଛିନା କିଛି ଉପକାରରେ ଉଦ୍ଭିଦ ପ୍ରକୃତି ଆସିଥାଏ । ଗଛବିନା ମଣିଷ ଜୀବନ ଅସମ୍ଭବ । ମଣିଷ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ଗଛର ବା ଉଦ୍ଭିଦ ଜଗତର ଭୂମିକା ଅପରିହାର୍ଯ୍ୟ । ସେଥିପାଇଁ ଆମ ସମାଜରେ ଉଦ୍ଭିଦ ଜଗତକୁ ନେଇ ବିଭିନ୍ନ ପ୍ରସଙ୍ଗରେ ନାନା ଲୋକୋକ୍ତି ପ୍ରଚଳିତ ହୋଇଛି ।

**ଭଲ ଶସ୍ୟ ହେବା ପ୍ରସଙ୍ଗ :**

ଓଡ଼ିଶାରେ ଧାନ ହେଉଛି ପ୍ରଧାନ ଫସଲ । ଧାନରୁ ଚାଉଳ ହୁଏ, ଚାଉଳରୁ ଭାତ । ଓଡ଼ିଶାର ଲୋକେ ପ୍ରାୟ ୯୦ ପ୍ରତିଶତ କୃଷି କାର୍ଯ୍ୟ ଉପରେ ଆସ୍ଥା ରଖିଥାନ୍ତି ଓ ଧାନ ଚାଷକୁ ଭଲ ଭାବରେ କରିଥାନ୍ତି । ଧାନଚାଷସହିତ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଫଳ, ପନିପରିବା ଫସଲ କରିଥାନ୍ତି ଏବଂ ନିଜର ଖାଦ୍ୟ ମେଣ୍ଟାଇଥାନ୍ତି ।ଏହି ଫସଲ ଓ ଚାଷ ପ୍ରଣାଳୀ, ଗଛ ଲଗାଇବାର ପ୍ରଣାଳୀ ଇତ୍ୟାଦିକୁ ନେଇ ଅନେକ ଲୋକୋକ୍ତିର ପ୍ରୟୋଗ ଆମ ସାମାଜିକ ଜୀବନରେ ଦେଖାଯାଏ । ଯାହା ମଣିଷକୁ ସଚେତନ କରାଇଥାଏ, ଭଲ ଚାଷ କେମିତି ହେବ, କଣ କଲେ ଗଛରେ ଫଳ ଅଧିକ ହେବ, ଗଛ କେମିତି ବଢିବ ଇତ୍ୟାଦି ପାରଂପାରିକ ଜ୍ଞାନର ପ୍ରଭାବ ଗୋଟିଏ ପିଢିରୁ ଅନ୍ୟ ପୀଢିକୁ ଏଇ ଲୋକୋକ୍ତି ପରି ମୌଖିକ ପରଂପରାରୁ ଗଢ଼ି ଆସିଥାଏ ।

"ସାତ ପୁରି ଯାଉଛି ଖସି
ଇନ୍ଦ୍ର ମାଆ କାନ୍ଦେ ବାଡ଼ି ପଦାରେ ବସି
ଧାନ ଗଛ ଦେଉଛି ହସି ।"

ଭଲ ଧାନ ହେବାର ବିଧାନ ସୂଚକ ଏ ଲୋକୋକ୍ତି ମଣିଷର ପାରଂପରିକ ଜ୍ଞାନରୁ ଉଦ୍‌ଭବ । ଲୋକବିଶ୍ୱାସ ରହିଛି, ଭାଦ୍ରବ ମାସ ଶେଷ ବେଳକୁ କ୍ଷେତରେ ରୁଆ ଓ ବିହୁଡ଼ା କାର୍ଯ୍ୟ ସରି ଯାଇଥାଏ । ଏହି ସମୟରେ ଝିପି ଝିପି ବର୍ଷା ହେଲେ ଧାନ ଗଛ ଭଲ ବଢେ ଓ ଅଧିକ ଅମଳ ଦେଇଥାଏ । ଏଠି ଝିପିଝିପି ବର୍ଷାକୁ ଇନ୍ଦ୍ରମା କାନ୍ଦିବା ସହିତ ତୁଳନା କରାଯାଇଛି । ଇନ୍ଦ୍ରମା କାନ୍ଦିବା ଭଳି ଉପମା ପ୍ରୟୋଗ ମାଧ୍ୟମରେ ଲୋକକବିର କାବ୍ୟିକ ସୌନ୍ଦର୍ଯ୍ୟ ଦୃଷ୍ଟି ମଧ୍ୟ ନେଇ ଏ ଲୋକୋକ୍ତି ହୋଇପଡ଼ିଛି ପ୍ରଭାବଶାଳୀ ।

"ଆଗେ ବୁଣ୍ ପଛେ ବୁଣ୍
ଗର୍ଭଣାକୁ ଟୁଣ୍ ଟୁଣ୍ ।"

ପୂର୍ବ ଲୋକୋକ୍ତି ପରି ଏହା ମଧ୍ୟ ଚାଷ ସଂପର୍କୀୟ ଉକ୍ତି । ଲୋକବିଶ୍ୱାସ ରହିଛି ଧାନ ଆଗେ ବୁଣା ବା ପଛେ ବୁଣା କିମ୍ବା ରୁଆ ହୋଇଥିଲେ ମଧ୍ୟ ଗର୍ଭଣା ସଂକ୍ରାନ୍ତି ବେଳକୁ ସବୁ ଧାନଗଛରେ ଗର୍ଭସଂଚାର ହୋଇଥାଏ । ନୂଆ ଚାଷୀ ଏ ଲୋକୋକ୍ତିରୁ ଅଭିଜ୍ଞ ହୁଏ ।

"ଆଷାଢ ମାସରେ ପଞ୍ଚଦିବସେ
ଧାନ୍ୟ ରୋପଣ ଯେ କରେ ହରଷେ
ତା'କ୍ଷେତେ ବହୁତ ଫଳଇ ଫଳ
ପରିପୂର୍ଣ୍ଣ ହୁଏ ଆଶା ସକଳ ।"

ଆଷାଢ ମାସରେ ବିଲରେ ପାଣି ଲାଗିବା କ୍ଷଣି ଧାନ ରୋଇବା ବିଧେୟ । ଏହି ମାସରେ ଧାନ ରୋଇଲେ ଧାନଗଛ ବଢିବାକୁ ଯଥେଷ୍ଟ ସମୟ ପାଇଥାଏ । ତେଣୁ ଅଧିକ୍ ଅମଳ ହେବା ସ୍ୱାଭାବିକ ବୋଲି ଲୋକୋକ୍ତିରୁ ପରାମର୍ଶ ମିଳିଥାଏ କୃଷକକୁ ।

"ଆଖୁବଙ୍କା ନ ବୁଢ଼େ ଡଙ୍କା

ଜଡ଼ା ବଙ୍କା ନ ବୁଢ଼େ ଟଙ୍କା ।"

ଏହା ଆଖୁ ଓ ଜଡ଼ା ଗଛ ସମ୍ବନ୍ଧୀୟ ଲୋକୋକ୍ତି, ଯାହା ଆଖୁ ଓ ଜଡ଼ା ଚାଷ କରିବାର ପ୍ରଣାଳୀ କୃଷକକୁ ଅବଗତ କରାଇ ଦେଇଥାଏ । ଅଖୁଚାଷ କଲାବେଳେ ଆଖୁ ଯଦି ବଙ୍କା ହୋଇ ବଢିଥାଏ ତାହେଲେ ତହିଁରୁ ଯଥେଷ୍ଟ ପରିମାଣରେ ରସ ବାହାରି ନଥାଏ । ଫଳରେ ଆଖୁଚାଷର ଲାଭ ବଦଳର କ୍ଷତି ହୋଇଥାଏ । ତେଣୁ ଆଖୁଚାଷ କଲାବେଳେ ସତର୍କତାର ସହ ତାର ଯତ୍ନ ନେବ ଏବଂ ତାକୁ ବଙ୍କା ହେବା ପାଇଁ ଦେବ ନାହିଁ । କିନ୍ତୁ ଜଡ଼ା ଚାଷ କଲାବେଳେ ଠିକ୍ ତାର ଓଲଟା । ଜଡା ଗଛ ବଙ୍କା ହୋଇ ବଢିଲେ ତହିଁରୁ ଅଧିକ ଶାଖା ପ୍ରଶାଖା ବାହାରି ପ୍ରଚୁର ଫଳ ହୋଇଥାଏ, ଫଳରେ ଚାଷୀର ପ୍ରଚୁର ଲାଭ ହୋଇଥାଏ ।

"ଫଗୁଣେ ଅଗ୍ନି ଚଇତ୍ରେ ମାଟି

ବାଉଁଶ କହେ ମୁଁ ଶୀଘ୍ର ଉଠି ।

ଏଥିରେ ଚାଷ ସଂପର୍କୀୟ ଉପଦେଶ ରହିଛି । ଫାଲଗୁନ ମାସରେ ବାଉଁଶ ବଣର ମୂଳ ସଫାକରି ପୋଡ଼ିଦେଲେ ଓ ଚୈତ୍ର ମାସରେ ତା ମୂଳରେ ମାଟି ଦେଲେ ବାଉଁଶଗଜା ମାରି ଭଲ ବଢିଥାଏ । ବାଉଁଶ ମୂଳରୁ ଅନାବନା ପତ୍ର ସବୁ ପୋଡ଼ିଦେଲେ ତା'ପାଖରେ ଥିବା ଅନାବନା ଗଛସବୁ ପୋଡ଼ି ନଷ୍ଟ ହୋଇଯାଏ, ତା'ପରେ ମାଟି ତା ମୂଳରେ ଦେଲେ ବାଉଁଶ ଗଜା ସିଧା ହୋଇ ବଢିଥାଏ ।

ଅନୁରୂପ ଭାବରେ ରାଶି ବା ଟିଳ ଚାଷ ସମ୍ବନ୍ଧରେ ଲୋକୋକ୍ତିରେ କୁହାଯାଇଛି:-

"ଫଗୁଣେ ଆଠ ଚୈତ୍ରେ ଆଠ

ସେହି ତିଳକୁ ଦାଆରେ କାଟ ।"

ଅର୍ଥାତ ଏଠାରେ ରାଶି ବା ତିଳ କେଉଁ ସମୟରେ ଚାଷ କଲେ ଅଧିକ ଅମଳହେବ ତା ବିଷୟରେ ଉପଦେଶ ଦିଆଯାଇଛି । ଫାଲଗୁନ ମାସ ଶେଷ ହେବାକୁ ଆଠଦିନ ବାକି ଥିବ ଓ ଚୈତ୍ରମାସ ଆରମ୍ଭ ହେବାର ଆଠଦିନ ମଧ୍ୟରେ ରାଶି ବୁଣିଲେ ରାଶି ପ୍ରଚୁର ପରିମାଣରେ ଫଳିଥାଏ । ଫଳରେ ଚାଷୀର ତିଳ ଅଧିକ ଅମଳ ହୋଇଥାଏ ଓ ସେ ଲାଭବାନ ହୋଇଥାଏ ।

"ମାଘ ଚକଟା

ଗୁଣ ଫଟା

ଚଇତି ଝାଞ୍ଜି

ତେବେ ସେ ଜାଣିବ

ମୁଗର ପାଞ୍ଜି ।"

ଏହା ମୁଗ ଚାଷ ସମ୍ବନ୍ଧୀୟ ଲୋକୋକ୍ତି । ମାଘ ମାସରେ ବର୍ଷା ହୋଇ ଜମି କାଦୁଆ କାଦୁଆ ହୋଇ ଓଦା ରହିଲେ ଫାଲଗୁନ ମାସରେ ଖରା ହୋଇ ଜମି ଫାଟିଗଲେ ଓ ଚୈତ୍ରମାସରେ ପାଗ ସୁଖିଲାରହି ଝାଞ୍ଜି ପିଟିଲେ ମୁଗ ଫସଲ ଭଲ ହୋଇଥାଏ ବୋଲି ଏହି ଲୋକୋକ୍ତିରୁ କୃଷକ ମାନଙ୍କ ଧାରଣା ଜନ୍ମି ଥାଏ ।

ସେହିଭଳି ଶରତ ଋତୁ ଶେଷ ଆଡ଼କୁ ସୋରିଷ ଚାଷ କଲେ ସୋରିଷ ଭଲ ଅମଳ ହୋଇଥାଏ ବୋଲି ଖନା ବଚନରୁ କୃଷକକୁ ଉପଦେଶ ମିଳିଥାଏ । ସେହି ବଚନରେ ସୋରିଷ କେଉଁ ସମୟରେ ଚାଷ କଲେ ଭଲ ଫଳ ହୁଏ ତାର ସୂଚନା ମିଳେ । ଯଥା:-

"ଖନା କହି ବକ୍ଷା ପୁଅ

ଶରତ ଶେଷରେ ସୋରିଷ ରୁଅ ।"

ଅନୁରୂପ ଭାବରେ,

"ପାନ ରୋପିଲେ ଶ୍ରାବଣେ

ଲାଭ ହୁଏ ଦ୍ୱିଗୁଣେ

ଖାଇଲେ ବୋହିଲେ

ନହୁଏ ଶେଷ

ଖନା ବୋଲେ ଘେନ

ଏ ଉପଦେଶ ।"

ପାନକୁ ଶ୍ରାବଣ ମାସରେ ଲଗାଇଲେ ପାନ ବହୁତ ହୋଇଥାଏ । ଯାହାକୁ ଖାଇଲେ ବା ବିକ୍ରିକଲେ ଶେଷ ହୁଏ ନାହିଁ । ଚାଷୀର ଦ୍ୱିଗୁଣ ଲାଭ ହୋଇଥାଏ । ତେଣୁ ପାନଚାଷ ପାଇଁ ଶ୍ରାବଣ ମାସ ଉପଯୁକ୍ତ ବୋଲି ଏହି ବଚନ ପାନ ଚାଷୀମାନଙ୍କୁ ସଚେତନ କରାଇ ଦିଏ ।

**ଭଲ ପରିବା ଓ ଫଳ ହେବାର ପ୍ରସଙ୍ଗ :**

ପନିପରିବା ଓ ଫଳମୂଳ ଉଭୟ ଗୃହ ପରିସରରେ ଓ କ୍ଷେତରେ କରାଯାଇଥାଏ । ଓଡ଼ିଆ ମୌଖିକ ପରମ୍ପରାରେ ଏ ସଂପର୍କୀୟ ଲୋକୋକ୍ତି କିଛି କମ ନାହିଁ । କୃଷି ଭିତ୍ତିକ ସମାଜରେ ଏହି ଜାତୀୟ ମୌଖିକ ରଚନାର ପ୍ରଚୁଳତା ସ୍ୱାଭାବିକ ।

"ଆଠ ବିହୁଡ଼ା ଷୋଳ କୋଡ଼ା

ତେବେ ଦେଖିବ ବାଇଗଣ ପୋଡ଼ା ।"

ଏହା ବାଇଗଣ ଚାଷ ସଂପର୍କୀୟ ଲୋକୋକ୍ତି ଯେଉଁଥିରେ ବାଇଗଣ ଚାଷ କେମିତି କରାଯାଏ ତାର ପ୍ରଣାଳୀ କଥା କୁହା ଯାଇଛି । ବାଇଗଣ ଗଛକୁ ଆଠଥର ପାଣିମଡ଼ାଇ ଷୋଳଥର କୁଡ଼ିଲେ ବାଇଗଣ ଗଛ ଭଲ ହୃଷ୍ଟପୁଷ୍ଟ ହୋଇ ବଢିଥାଏ ଏବଂ ଭଲ ଫଳ ହୋଇଥାଏ ଯାହା ଫଳରେ ଚାଷୀ ଲାଭବାନ ହୋଇଥାଏ । ଏହି ଲୋକୋକ୍ତି ପୂର୍ବପୁରୁଷର ଅଭିଜ୍ଞତାରୁ ସୃଷ୍ଟ ଯାହା ନୂତନ ଚାଷୀମାନଙ୍କୁ ବାଇଗଣ ଚାଷ ସଂପର୍କରେ ସଚେତନ କରିବାରେ ସହାୟକ ହୋଇଥାଏ ।

ସେହିଭଳି ଲାଉ ଚାଷ ସଂପର୍କରେ ଲୋକୋକ୍ତି ରହିଛି:-

"ଲାଉ କାଉ

ଆଖି ଫିଟିଲେ

ନ ମରନ୍ତି ଆଉ ।"

ଲାଉ ଚାଷ କରିବାରେ ନିୟମ ଏଥିରେ ମିଳିପାରିବ । କାଉ ଓଡ଼ିଆ ଲୋକବିଶ୍ୱାସରେ ସୁଦୀର୍ଘଜୀବି ବା ଅମର । ଥରେ ତାର ଆଖି ଫିଟିଲେ ସେ ଆଉ ମରେ ନାହିଁ । ସେମିତି ଲାଉ ଗଛ ଥରେ ଲାଗିଗଲେ ପରେ ଯତ୍ନ ନ ନେଲେ ବି ତାହା ସହଜରେ ମରିବ ନାହିଁ ।

"ଷୋଳ ଚାଷେ ମୂଳା

ତାର ଅର୍ଦ୍ଧେକ ତୁଳା"

"ତାର ଅର୍ଦ୍ଧେକ ଧାନ

ବିନା ଚାଷେ ପାନ ।"

ଏଥିରେ ମୂଳା ଚାଷ ସମ୍ବନ୍ଧୀୟ ପାରମ୍ପରିକ ଅଭିଜ୍ଞତା ପ୍ରଦତ୍ତ । ମୂଳା ମାଟି ଭିତରେ ବଢୁଥିବାରୁ ମାଟି ଗୁଣ୍ଡ ହୋଇ ଫସଫସିଆ ରହିଲେ ମୂଳାର ଆକୃତି ବୃଦ୍ଧି ପାଇବା ସହଜ ହୋଇଥାଏ । ତେଣୁ ମୂଳାଚାଷ ଲାଗି ଅଧିକ ଓଡ଼ଚାଷ ଆବଶ୍ୟକ । ତୁଳା ଓ ଧାନ ଚାଷ ତା ତୁଳନାରେ କମ ହେଉଥିବା ସ୍ଥଳେ ବିନା ଚାଷରେ ପାନ ଫସଲ ହୋଇଥାଏ ବୋଲି ଲୋକକବି ଉପଦେଶ ଦେଇ ଯାଇଛନ୍ତି ।

ବିଭିନ୍ନ ଗଛ କେଉଁ ଋତୁ ବା କେଉଁ ମାସରେ ଲଗାଇଲେ ଅଧିକ ଫଳ ଦିଏ ତାର ଧାରଣା ମଣିଷର ସାମୂହିକ ଅଭିଜ୍ଞତାରୁ ମିଳିଥାଏ:

" ମାର୍ଗଶୀରେ ଯେବେ ନ ହୁଏ ବୃଷ୍ଟି

ଜାଣିବ ନ ହେବ ପଣଷ ସୃଷ୍ଟି । "

ଅର୍ଥାତ ଲୋକମାନଙ୍କର ବିଶ୍ୱାସ ରହିଛି ମାର୍ଗଶୀର ମାସରେ ଧରାପୃଷ୍ଠରେ ଯଦି ବର୍ଷା ନ ହୁଏ ତା'ହେଲେ ସେ ବର୍ଷ ଭଲ ପଣଷ ହୁଏ ନାହିଁ । ଏଥିରେ ପଣଷ କିଭଳି ଭଲ ହେବ ତାର ସୂଚନା ମଣିଷର ସଞ୍ଚିତ ଅଭିଜ୍ଞତାରୁ ଉପଦେଶ ଆକାରରେ କୃଷକକୁ ଜଣାଇଛି ଏବଂ କହିଛି ଭଲ ଫଳ ପାଇବାକୁ ହେଲେ ବର୍ଷାର ଆବଶ୍ୟକତା ଅଧିକ ରହିଛି । ଜଳବିନା କୌଣସି ଫସଲ ଭଲ ହୋଇପାରେନା ବୋଲି ସେ ଅନୁଭବ କରିପାରିଛି ।

ଅନୁରୂପଭାବେ ଏହି ଅଭିଜ୍ଞତାର ଅନ୍ୟଏକ ସ୍ମରଣ:-

"କନ୍ୟେ କଦଳୀ

ମିଥୁନେ ଆମ୍ବ ।"

କଦଳୀ ଗଛ କନ୍ୟା (ଜ୍ୟେଷ୍ଠ) ମାସରେ ଲଗାଇବା ଉଚିତ । ଏହି ମାସରେ କଦଳୀଗଛ ଲଗାଇଲେ ଗଛ ଠିକ ଭାବରେ ବଢିପାରେ ଓ ଠିକ ସମୟରେ ଫଳ ଆସିଥାଏ । ଆମ୍ବଗଛ ମିଥୁନ ବା ଆଷାଢ ମାସରେ ଲଗା ଯିବା ଉଚିତି । କାହିଁକିନା ଆଷାଢ ମାସରେ ବର୍ଷା ହୋଇଥାଏ, ଫଳରେ ଆମ୍ବଗଛ ଲଗାଇଲେ ତାହା ଆଉ ଖରାରେ ନ ସୁଖି ଭଲ ଭାବେ ଲାଗିଯାଏ ଓ ଗଛ ଭଲ ବଢିଥାଏ । ଅନ୍ୟ ସମୟରେ ଲଗାଇଲେ ତାହା ହୁଏତ କୌଣସି କାରଣରୁ ମରି ଯାଇପାରେ ନ ହେଲେ ବର୍ଷା ଅଭାବରୁ ଗଛ ମରି ଯାଇପାରେ । ତେଣୁ ଆମ୍ବଗଛ ଆଷାଢ ମାସରେ ଲଗାଇବା ଉଚିତ । ଏହି ପରାମର୍ଶ ସାଧାରଣ ଚାଷୀ ପାଇଁ ହୁଏ ଅନୁକରଣୀୟ । ପୂର୍ବଜଙ୍କ ଅନୁଭବ ପରମ୍ପରା କ୍ରମେ ସୁଫଳ ଦାନ କରିଆସୁଛି ।

"ନଡ଼ିଆକୁ

ନ ଡିଆଁ ଛଡ଼ା ଲଗା ତାକୁ ।"

ନଡ଼ିଆ ଗଛ ରୋପଣ ସମ୍ବଂଧୀୟ ଉପଦେଶ । ନଡ଼ିଆ ଗଛ ଚାଷ କଲା ବେଳେ ଗୋଟିଏ ନଡ଼ିଆ ଗଛଠାରୁ ଅନ୍ୟ ନଡ଼ିଆ

ଗଛର ବ୍ୟବଧାନ ଅଠର ହାତ ବା ନ ଡିଆଁ ହେବା ଉଚିତ ବୋଲି ଏହି ଲୋକୋକ୍ତିରୁ 'ସୁଚନା ମିଳେ ନଡ଼ିଆ ଚାଷୀମାନଙ୍କୁ । ଏହା ଦ୍ୱାରା ନଡ଼ିଆ ଗଛ ଭଲ ବଢ଼େ ଓ ନଡ଼ିଆ ପ୍ରଚୁର ପରିମାଣରେ ଫଳିଥାଏ ବୋଲି ବିଶ୍ୱାସ କରାଯାଇଥାଏ ।

**ଭଲ ମଞ୍ଜିରେ ଭଲ ଗଛ ପ୍ରସଙ୍ଗ :**

କେଉଁ ସମୟରେ କେଉଁ ମଞ୍ଜି ନେଲେ ଗଛ ଭଲ ହୋଇଥାଏ ଓ ଗଛରେ ଫଳ ଶୀଘ୍ର ଫଳିଥାଏ ତାହାକୁ ନେଇ କେତେକ ଲୋକୋକ୍ତି ଗଢି ଉଠିଛି ।

"ଢେ଼ଙ୍ଗି ନଡ଼ିଆ
ବାଙ୍ଗର ଗୁଆ
ମଝି ମଝିକିଆ ତାଳ
ମଞ୍ଜି ଲଗାଇ
ଗଛ କଲେ
ଫଳୁଥିବ କାଳ କାଳ ।"

ଏଥିରେ ନଡ଼ିଆ, ତାଳ ଓ ଗୁଆ ମଞ୍ଜି ସମ୍ପର୍କରେ ପରାମର୍ଶ ଦିଆଯାଇଛି । ଢେ଼ଙ୍ଗା ବା ବୁଢା ନଡ଼ିଆ ଗଛରୁ ନଡ଼ିଆ ନେଇ ଚାରା କଲେ ନଡ଼ିଆ ଶୀଘ୍ର ଫଳିଥାଏ । ସେହିଭଳି ଅଳ୍ପ ବୟସର ଗୁଆ ଗଛରୁ ଗୁଆ ନେଇ ଚାରା କଲେ ଗୁଆ ଶୀଘ୍ର ଫଳିଥାଏ । ସେମିତି ମଝାଲ ବୟସର ତାଳ ଗଛରୁ ତାଳ ମଞ୍ଜି ନେଇ ଗଛ କଲେ ତାଳ ଶୀଘ୍ର ଫଳିଥାଏ ବୋଲି ଲୋକବିଶ୍ୱାସ ରହିଛି । ବହୁତ ପାକଳ ଗଛ ବୁଢା ହେବା ଯାଏ ଫଳୁଥାଏ । ଏଥିରେ ପୂର୍ବଜମାନେ ନିଜ ଅଭିଜ୍ଞତାରୁ ଉତ୍ତମ ମଞ୍ଜି ସମ୍ପର୍କରେ ପରାମର୍ଶ ଦେଇଯାଇଛନ୍ତି, ଯାହା ନୂତନ ପିଢିର ଚାଷୀମାନଙ୍କ ପାଇଁ ସହାୟକ ହେଉଛି ।

"କଦଳୀର ପୁଅ ବାଉଁଶର ନାତି
ଆପଣା ଇଛାରେ ବଢାନ୍ତି ଜାତି ।"

ଅର୍ଥାତ କଦଳୀ ଓ ବାଉଁଶ ଗଛର ମଞ୍ଜି ନ ଥାଏ ବୋଲି ଏଥିରୁ ସୂଚିତ ହୁଏ । ସେହି ଗଛଗୁଡ଼ିକ ଆପେ ଆପେ ସେମାନଙ୍କର ବଂଶ ବୃଦ୍ଧି କରିଥାନ୍ତି । କଦଳୀଗଛ ଚେରରୁ ତାର ପୁଆ ବାହାରି ନୂଆ କଦଳୀଗଛ ହୁଏ । ସେହିଭଳି ବାଉଁଶ ଗଛକୁ କାଟିଦେଲେ ମଧ ତା ଚେରରୁ ନୂଆଁ ବାଉଁଶ ଗଜାହୋଇ ନିଜର ବଂଶ ବିସ୍ତାର କରିଥାଏ । ଏହି ଦୁଇ ବୃକ୍ଷର ମଞ୍ଜି ନ ଥାଏ ବୋଲି ଏବଂ ତା ସହିତ କିଆ ଗଛର ମଞ୍ଜି ନ ଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି । ଏଇ ଦୁଇ ବୃକ୍ଷଭଳି କିଆ ଗଛ ମଧ ତା'ର ଚେରରୁ ବଂଶ ବିସ୍ତାର କରିଥାଏ । ଏହି ଗଛ ତ୍ରୟ ମଧ ତାଙ୍କ ପାଖରେ ଥିବା ଗଛରୁ ସାର ଓ ଔଷଧ ସଂଗ୍ରହ କରି ବଢିଥାନ୍ତି । ସେମାନଙ୍କୁ ସେଥିପାଇଁ ପରଖିଆ ବୃକ୍ଷ ବୋଲି କୁହାଯାଏ ।ଯାହା ଆମ ସମାଜରେ ପ୍ରଚଳିତ ଲୋକୋକ୍ତିରୁ ମିଳିଥାଏ, ଏହି ତିନିବୃକ୍ଷ ଉଦ୍ଦେଶ୍ୟରେ:

"କଦଳୀ ବାଉଁଶ କିଆ
ସଂସାର ଭିତରେ ଆଉ କେହି ନାହିଁ
ୟାଙ୍କ ଠାରୁ ପରଖିଆ ।"

**ଉଦ୍ଭିଦ କୈନ୍ଦ୍ରିକ ଶୁଭ ଅଶୁଭ ପ୍ରସଙ୍ଗ :**

ପାରମ୍ପରିକ ଧାରଣାରେ ଉଦ୍ଭିଦ ସହିତ ଶୁଭଅଶୁଭ ପ୍ରସଙ୍ଗ ଜଡ଼ିତ ହୋଇଯାଇଛି । ଉଦ୍ଭିଦ ସଂପୃକ୍ତ ଏହି ଶୁଭାଶୁଭ 'ଳଲାଭ ବର୍ତ୍ତମାନ ହୁଏତ ଏକ ପ୍ରଶ୍ନବାଚୀ ହୋଇପାରେ ମାତ୍ର ଏକଦା ଆମ ସମାଜରେ ଏହାର ଥିଲା ଯଥେଷ୍ଟ ପ୍ରଭାବ । ଏଗୁଡ଼ିକର ବୈଜ୍ଞାନିକ ଭିତ୍ତିକୁ ମଧ୍ୟ ଅନ୍ୱେଷଣ କରିବାର ସମୟ ଆସିଛି ।

"ଘର ଆଗରେ ନରୋପିବ
ବେତ ତେନ୍ତୁଳି ତାଳ
ଦକ୍ଷିଣେ ରୋପିବ ନିମ
ଉତ୍ତରେ ରୋପିଲେ କଦଳୀ ସଜନା
ସମୟକୁ ଦେବ କାମ ।"

ଏହି ଛଟାଟି ଉଦ୍ଭିଦ ସମ୍ବନ୍ଧୀୟ ଶୁଭ ଅଶୁଭର ପରାମର୍ଶ ଦେଉଛି । କେଉଁ ଗଛ ଶୁଭ ଓ କେଉଁ ଗଛ ଘର ପାଇଁ ଅଶୁଭ ଏଥିରୁ ସୂଚନା ମିଳେ । ଅର୍ଥାତ ଘର ଆଗରେ ବେତ, ତେନ୍ତୁଳି ଓ ତାଳଗଛ ରୋପଣ କରିବା ଅନୁଚିତ । ଏ ଗଛଗୁଡ଼ିକ ଘର ପାଇଁ ଅଶୁଭଙ୍କର ହୁଏ ଏବଂ ଘର ମୁରବି ଉପରକୁ ବିପତ୍ତି ମାଡ଼ିଆସେ ବୋଲି ଲୋକ ବିଶ୍ୱାସ ରହିଛି ; କିନ୍ତୁ କେତେକ ଉଦ୍ଭିଦ ରହିଛି ଯାହାକୁ ଲଗାଇଲେ ଘରର ଉନ୍ନତି ଓ ଶୁଭଙ୍କର ହୋଇଥାଏ । ଦକ୍ଷିଣରେ ନିମ ଗଛ ଓ ଉତ୍ତରରେ କଦଳୀ ଓ ସଜନା ଗଛ ଲଗାଇଲେ ଅନେକ ସମୟରେ କାମ ଦେଇଥାଏ । ତେଣୁ ଏ ଗଛଗୁଡ଼ିକୁ ଶୁଭଙ୍କର ମନାଯାଇଥାଏ ।

"ଆଗେ ତେନ୍ତୁଳି ପଛେ ତାଳ
ଘର ଗୁସିଆଁର ପୁରିଲା କାଳ ।"

ଅର୍ଥାତ ଘର ଆଗରେ ଯାହାର ତେନ୍ତୁଳି ଗଛ ଥାଏ ଓ ପଛରେ ତାଳ ଗଛ ଥାଏ ସେ ଘରେ ମୂରବୀ ଉପରକୁ ବିପଦ ମାଡ଼ିଆସେ ବୋଲି ଏ ଲୋକୋକ୍ତି ମଣିଷକୁ ପରାମର୍ଶ ଦେଇଛି । ତେଣୁ ଘର ଆଗରେ ତେନ୍ତୁଳି ଗଛ ଓ ଘର ପଛରେ ତାଳ ଗଛ ଲଗାଇବା ଅନୁଚିତ କାରଣ ଏ ଦୁଇ ବୃକ୍ଷ ଘରପାଇଁ ଅଶୁଭ ସୂଚକ ଅଟନ୍ତି । ତାହା ଛଡ଼ା ବାଡ଼ିରେ ତାଳ ଗଛ ରହିଲେ ଘରର ମାଲିକ ଅପୁତ୍ରକ ହୁଏ ବୋଲି ମ୍ଭ ବିଶ୍ୱାସ କରାଯାଇଥାଏ । ଏହା ବ୍ୟତିତ ତାଳଗଛରେ ସାଧାରଣତଃ ଶାଗୁଣାମାନେ ବାସ କରନ୍ତି । ଯାହା ଆମ ହିନ୍ଦୁ ପରମ୍ପରାରେ ଏକ ଅଶୁଭ ପକ୍ଷୀଭାବେ ପରିଗଣିତ ହୁଏ । ତେଣୁ ବାଡ଼ିରେ ବା ଘର ପଛରେ ତାଳ କିମ୍ବା ତେନ୍ତୁଳି ଗଛ ନ ରହିବା ଉଚିତ ।

ଅନୁରୂପ ଭାବରେ-

"ଆଣି ପୋତିଲି ତାଳ
ସେ ହେଲା ମୋତେ କାଳ ।"

ଘର ପାଖରେ ତାଳଗଛ ଲଗାଇଲେ ବିପଦ ମାଡ଼ି ଆସେ ବୋଲି ଲୋକବିଶ୍ୱାସ ରହିଛି । ତାଳଗଛ ଅଶୁଭ ସୂଚକ ଘର ପାଇଁ । ଘର ପାଖରେ ତାଳ ଗଛ ନ ଲଗାଇବା ଉଚିତ । ସେମିତି ଜଣେ ଆତ୍ମୀୟଙ୍କୁ ପାଖରେ ଆଣି ରଖିଲେ ସେ ବେଳେ ବେଳେ ନିଜ ପାଇଁ ଅନିଷ୍ଟର କାରଣ ସାଜେ । ସେମିତି ତାଳଗଛ ଘର ପାଖରେ ରହିଲେ ଘରକୁ ବିପଦ ମାଡ଼ି ଆସିବାର ଆଶଙ୍କା ରହିଥାଏ । ଏହି ଛଟାରେ ତାଳଗଛ ଯେ ଘର ପାଇଁ ଅଶୁଭ ଫଳଦିଏ ତାହା ପରାମର୍ଶ ଦେଇଛି ମନୁଷ୍ୟକୁ ।

"କଦଳୀ ଲଗାଇ ଭାଦ୍ରବ ମାସେ
ନାଶଗଲା ଲଙ୍କାପତି ସବଂଶେ ।"

ଏଠାରେ କଦଳୀ ବୃକ୍ଷ ସମ୍ବନ୍ଧରେ କୁହାଯାଇଛି । ସାଧାରଣତଃ ଆମ ହିନ୍ଦୁ ପରମ୍ପରାରେ କଦଳୀଗଛକୁ ଶୁଭ ବୋଲି କହନ୍ତି । କିନ୍ତୁ କଦଳୀ ଗଛ ଲଗାଇବାର ମାସ ଯଦି ଠିକ ନ ହୁଏ ତାହା ଅଶୁଭ ହୋଇଥାଏ ବୋଲି ଏହି ଲୋକୋକ୍ତି ମଣିଷକୁ ସଚେତନ କରାଇଛି । ଅର୍ଥାତ ଭଦ୍ରବ ମାସରେ କଦଳୀ ଲଗାଇଲେ ତାହା ଅଶୁଭଦାୟକ ହୁଏ । କଦଳୀ ଗଛକୁ ଜ୍ୟେଷ୍ଠ ମାସରେ ଲଗାଯାଇଥାଏ । ବିଶ୍ୱାସ କରାଯାଏ ଲଙ୍କାପତି ରାବଣ ଭାଦ୍ରବମାସରେ କଦଳୀଗଛ ଲଗାଇଥିଲା ବୋଲି ତାର ବଂଶ ନାଶ ଯାଇଥିଲା । ଏଥିରୁ ଜଣାଗଲା ଯେ କଦଳୀ ଗଛକୁ ଭାଦ୍ରବ ମାସରେ ନ ଲଗାଇ ଜ୍ୟେଷ୍ଠ ଆଷାଢରେ ଲଗାଇଲେ ଏହା ଘର ପାଇଁ ଶୁଭଙ୍କର ହୋଇଥାଏ ଓ ତାହା ସହିତ ଗଛ ଭଲ ବଢିଥାଏ ।

ଅନୁରୂପ ଭାବେ-

"କପା ଲଗାଇଲେ ଭାଦ୍ରବମାସେ
ନିର୍ବଂଶ ହୁଏ ସବଂଶେ ।"

କପା ଗଛ ସମ୍ବନ୍ଧରେ ମଧ୍ୟ ରହିଛି ଲୋକବିଶ୍ୱାସ । କପା ଗଛକୁ ଭାଦ୍ରବ ମାସରେ ଲଗାଇଲେ ନିର୍ବଂଶ ହେବାକୁ ପଡ଼େ ବୋଲି ଏହି ଲୋକକ୍ତିରୁ ସୂଚନା ମିଳେ । ତେଣୁ କପା ଗଛ ଭାଦ୍ରବ ମାସରେ ଲଗାଇବା ଉଚିତ ନୁହେଁ ବୋଲି ପୂର୍ବଜମାନେ ତାଙ୍କ ଅଭିଜ୍ଞତାରୁ ଏହି ଉପଦେଶ ଦେଇ ଯାଇଛନ୍ତି ।

"ରାଶି ଚାଷେ
ମୁଣ୍ଡ ଖସେ ।"

ଏଥିରେ ରାଶି ଚାଷ ସମ୍ବନ୍ଧୀୟ ଅଶୁଭତାର ସୂଚନା ଦିଆଯାଇଛି । ଯେଉଁ ଘରେ ପ୍ରଥମ କରି ରାଶି ଚାଷ କରନ୍ତି ତାଙ୍କ ଘରେ ଜଣଙ୍କର ମୃତ୍ୟୁ ଘଟିଥାଏ ବୋଲି ଲୋକବିଶ୍ୱାସ ରହିଛି । ଅର୍ଥାତ ପ୍ରଥମେ ରାଶିଚାଷ କରିବା ନିଷେଧ । ହୁଏତ ଏହା ପରବର୍ତ୍ତୀ ଫସଲ ବା ଚାଷ ପାଇଁ ମାଟିକୁ ଉପଯୁକ୍ତ କରୁନଥିବ ବା ଅନ୍ୟ କିଛି ଭିତ୍ତି ଥାଇପାରେ । ତେଣୁ 'ମୃତ୍ୟୁ ଘଟିବା' ପ୍ରସଂଗ ଯୋଡ଼ି ଏହାକୁ ନିଷେଧାତ୍ମକ କରାଯାଇଛି ।

**ଔଷଧୀୟ ଗୁଣବାଚକ ଉଦ୍ଭିଦ :**

କେତେକ ଉଦ୍ଭିଦ ରହିଛି ଯାହାର ଔଷଧୀୟ ଗୁଣ ମନୁଷ୍ୟକୁ ରୋଗମୁକ୍ତ କରିବାରେ ସହାୟକ ହୋଇଥାଏ । ମଣିଷ ସୁସ୍ଥ, ସୁନ୍ଦର ଜୀବନ ବଞ୍ଚିବା ପାଇଁ ସୁଯୋଗ ଯୋଗାଇଥାଏ ଏହି ଔଷଧୀୟ ବୃକ୍ଷ । ଆମ ସମାଜରେ ଔଷଧୀୟ ବୃକ୍ଷର ନମୁନା ଲୋକୋକ୍ତିରେ ଦେଖିବାକୁ ମିଳେ ।

"ଅପାମାରଗର ଅପାର ଗୁଣ
ଯଦି ଘଷିବ ମୂଳେ
ତହିଁରୁ ଘଷିବ ଫାଳେ
ଚୂତ ପତର ଯେ ଲକ୍ଷ୍ମୀଦାୟକ
ପାଚି ପଡ଼ିଥିଲେ ତଳେ
ସାହାଡ଼ା କାଠି ଯେ ଭୋଗିଭୋଜନ
ତହିଁରୁ ଘଷିବ ଡ଼ାଳେ ।"

ଏହି ଲୋକୋକ୍ତିଟି ଦାନ୍ତକାଠିର ଉପକାରିତା ସମ୍ପର୍କରେ ପରାମର୍ଶ ଦିଏ । ଏହି ଦାନ୍ତକାଠି ଘଷିଲେ ମଣିଷର କଣ ଉପକାର ହୁଏ ତାହା ଏଥିରେ ଦର୍ଶାଯାଇଛି । ଅପାମାରଗର ମୂଳ ଘଷିଲେ ବହୁତ ଉପକାର ମିଳେ ବୋଲି ବିଶ୍ୱାସ ରହିଛି । ଏହି ବୃକ୍ଷ ମୂଳକୁ ଦାନ୍ତକାଠି ରୂପେ ବ୍ୟବହାର କରାଯାଇଥାଏ । କୁମ୍ଭାଟୁଆ ଦାନ୍ତକାଠି ରାଜପ୍ରିୟ । ପାଚିଲା ଆମ୍ବପତ୍ର ଘଷିଲେ ଧନସମ୍ପଦ ବଢେ ଓ ସାହାଡ଼ା ଦାନ୍ତକାଠି ଶରୀର ପକ୍ଷେ ହିତକାରକ ଓ ସେହି ଦାନ୍ତକାଠି ଘଷିଲେ ଭୋରିଭୋଜନ ବା ସୁସ୍ୱାଦୁ ଖାଦ୍ୟ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି ।

ଅନୁରୂପ ଭାବେ ଏସବୁ ବୃକ୍ଷର ଉପକାରିତା ସହ ଶାଳଗଛ ଓ ମୁତରି ଗଛର ଉପକାରିତା ମଣିଷ ପାଇଁ ହିତ କାରକ । ଏ ଦୁଇଟିକୁ ମଧ୍ୟ ଦାନ୍ତକାଠି ରୂପେ ବ୍ୟବହାର କରାଯାଏ । ଏହା ମଧ୍ୟ ଆମେ ଲୋକୋକ୍ତିରୁ ଦେଖିବାକୁ ପାଉଁ:

"ସ୍ୱର୍ଗୀ କାଠିରେ ଯେ ସ୍ୱର୍ଗଲାଭ
ଯଦି କରୁଥିବ ତାଳେ
ମୁତରୀ କାଠିରେ ଖାତିର ମିଳେ
ଯଦି କରୁଥିବ ଫାଳେ ।"

ଅର୍ଥାତ ଏଠି ସ୍ୱର୍ଗୀମାନେ ଶାଳଗଛକୁ ବୁଝାଏ । ଅର୍ଥାତ ଶାଳଗଛକୁ ମଧ୍ୟ ସ୍ୱର୍ଗୀ କୁହାଯାଏ ।ଏହି ଦାନ୍ତକାଠିରେ ଘଷିଲେ ସ୍ୱର୍ଗ ଲାଭ ମିଳିଥାଏ ବୋଲି ପୂର୍ବଜମାନେ ତାଙ୍କ ଅଭିଜ୍ଞତାରୁ କହିଯାଇଛନ୍ତି । ସେହିଭଳି ମୁତରୀ ଏକ ପ୍ରକାର କଣ୍ଟକୀଲତା ଯାହାକୁ ଦାନ୍ତକାଠି ରୂପେ ବ୍ୟବହାର କରାଯାଏ । ଏହାକୁ ଘସିଲେ ଖାତିର ମିଳିଥାଏ ବୋଲି କୁହାଯାଏ ।

"ନିମ ପିତା ଦେହକୁ ହିତା ।"

ହିନ୍ଦୁ ପରମ୍ପରା ଅନୁସାରେ ଲିମ୍ବ ଗଛକୁ ଦାରୁବ୍ରହ୍ମ ରୂପେ ପୂଜା କରନ୍ତି, କାହିଁକିନା ନିମ କାଠରେ ଜଗନ୍ନାଥଙ୍କର ମୂର୍ତ୍ତି ତିଆରି କରାଯାଏ । ଏହି ଗଛର ପତ୍ର ଅତ୍ୟନ୍ତ ପିତା । ଏହାକୁ ଖାଇଲେ ଦେହରେ ଥିବା କୃମି ମରିଯାନ୍ତି । ଦେହରେ ହିତ ସାଧନ ହୋଇଥାଏ । ତେଣୁ ମଣିଷ ଦେହରେ ଏହା ଔଷଧ ଭାବରେ କାର୍ଯ୍ୟକରି ମଣିଷକୁ ରୋଗମୁକ୍ତ କରାଇଥାଏ । ଏହା ମଧ୍ୟ ଏକ ଔଷଧୀୟ ଗୁଣଯୁକ୍ତ ଉଦ୍ଭିଦ ଅଟେ ।

**ବସ୍ତୁସଂସ୍କୃତିରେ ଉଦ୍ଭିଦ ଜଗତ :**

ରିଚାର୍ଡ ଏମ.ଡରସନ ତାଙ୍କର ଲୋକବିଦ୍ୟା (Folklore)ର ବିଭାଗୀ କରଣରେ Material Cultur ର ବା ବସ୍ତୁ ସଂସ୍କୃତିକୁ ଅନ୍ୟତମ ବିଭାଗ ଭାବେ ନିର୍ବାଚିତ କରି ଏହାର ଗୁରୁତ୍ୱ ବଢାଇଛନ୍ତି । ମଣିଷର ସାଂସ୍କୃତିକ ଜୀବନରେ ଏହି ବସ୍ତୁ ସଂସ୍କୃତି ମଧ୍ୟରେ ତାର ଲୋକବିଶ୍ୱାସ, ଧର୍ମବୋଧ, ଆଦି ନାନା ଭାବେ ଫୁଟି ଉଠିଥାଏ । ଓଡ଼ିଶୀ ସାଂସ୍କୃତିକ ଜୀବନରେ ଏହି ବସ୍ତୁ ସଂସ୍କୃତିରେ ଉଦ୍ଭିଦ ଜଗତର ଭୂମିକାକୁ ଲୋକୋକ୍ତିର ଆଲୋକରେ ନିମ୍ନ ରୂପେ ବିଚାର କରାଯାଇପାରେ :

"ଉଭା ତାଳ
ପୋତା ଶାଳ
ରୁଅ ହେନ୍ତାଳ
ଗଣ୍ଡି ବେତାଳ
ଘରଣୀ ଚେତାଳ
ତେବେ ସେ ଘର ରହେ
ଅପାର କାଳ"

ଏହି ଢଗରେ ମାଟିଘର ବା ଚାଳଛପର ଘର କେଉଁ କେଉଁ ଉଦ୍ଭିଦର କାଠରେ ତିଆରି ହେବା ଉଚିତ ତାର ପରାମର୍ଶ ଦିଆଯାଇଛି । ତାଳ ପୋତା ସହେନାହିଁ ତାକୁ ମାଟି ଖାଇଯାଏ ତେଣୁ ତାକୁ ରୁଅ ବା ଶେଣୀ ଭାବେ ବ୍ୟବହାର କରିବା ଭଲ । ଶାଳ କାଠକୁ ଶୀଘ୍ର ମାଟି ଖାଇପାରେ ନାହିଁ ତାକୁ ଖୁଣ୍ଟ ହିସାବରେ ପୋତା ଯିବା ଦରକାର । ତା ଛଡ଼ା ଶାଳ କାଠ ଶକ୍ତ ହୋଇଥିବାରୁ ଘରର ଭାରକୁ ସେ ସମ୍ଭାଳି ରଖେ କେବେ ଭୁସୁଡ଼ି ପଡ଼ିବାର ଭୟ ରହେନାହିଁ । ହେନ୍ତାଳ ଗଛର ରୁଅ ଓ ଚେତ ଗଛର ନଇ ବ୍ୟବହାର କରି ଘର ତୂଳିଲେ ଘରର ଆୟୁଷ ଅଧିକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

ଅନୁରୂପ ଭାବେ:

"ଶିଶୁ କାଠର ଖଟ
ଶୁଭଙ୍କର ନୁହେଁ ।"

ଅର୍ଥାତ ଶିଶୁ କାଠର ଖଟରେ ଶୋଇଲେ ମଣିଷ ବିପଦରେ ପଡ଼େ, ତେଣୁ ତାହାକୁ ଅଶୁଭ ବୋଲି ବିଶ୍ୱାସ କରାଯାଏ ।

"ଏକ ଶହସ୍ର ବତା
ଦୁଇ ସହସ୍ର କତା
ତିନିସହସ୍ର ଗଣ୍ଡି
ଏ ନାଟି ଯେ କହିବ
ତାକୁ ଦେବି ସୁନା କଣ୍ଠି ।"

ଏଥିରେ ଚାଳ ଘର ଛିଆଣିରେ ଯେଉଁ ଉଭିଦ ବ୍ୟବହାର କରାଯାଏ ତାର ସୂଚନା ଦିଆଯାଇଛି । ବତା ଯାହା ବାଉଁଶ ଗଛରେ ତିଆରି ହୁଏ । ଦୁଇ ସହସ୍ର କତା ଯାହା ତାଳଗଛ ବାଉଁଙ୍ଗାରେ ତିଆରି ନଇ, ବତାକୁ ନଇରେ ବାନ୍ଧି କୁଟାଛିଆଣି କଲେ ଆଉ ବର୍ଷା ହୁଏନାହିଁ । ଘରର କାମରେ ଉଭିଦମାନଙ୍କର ଗୁରୁତ୍ୱ ବେଶୀ ରହିଛି । ଏହି ନାଁ ଦିଆଟି ଘର ବ୍ୟବହାର ଉଭିଦର କଥାକହେ ।

**ଉଭିଦ ସମ୍ବନ୍ଧୀୟ ଧର୍ମ ବିଶ୍ୱାସ :**

ପୁଣ୍ୟଭୂମି ଓଡ଼ିଶାର ଲୋକେ ଧର୍ମବିଶ୍ୱାସୀ ଅଟନ୍ତି । ଏହି ନ୍ୟାୟରେ କେତେକ ଉଭିଦ ଅଛି ଯାହାକୁ ବିଶ୍ୱାସ କରି ଲୋକେ ନିଜର ମଙ୍ଗଳ କାମନା କରିଥାନ୍ତି ଯଥା ବେଲ, ନିମ୍ବ ଓ ତୁଳସୀ ଇତ୍ୟାଦି ଗଛ ଆମ ଧର୍ମ ପରମ୍ପରାରେ ସ୍ଥାନ ପାଇଛି । ଏଗୁଡ଼ିକୁ ନେଇ ଆମ ଲୋକୋକ୍ତି କହେ :

"ଗଙ୍ଗା ତୁମ ମୂଳେ ବ୍ରହ୍ମା
ତୁମ ଡାଳ ପତ୍ରେ ଦେବତାଙ୍କ ବାସ
ଶୂନ୍ୟରେ ଅନାଦି ପୁରୁଷ ବିଜୟେ
ମାୟାରେ କଲେ ନିବାସ
ଲୋ ମାତ ତୁଳସୀ ଦେବୀ
ତୋତେ ତିନିପୁର ଲୋକେ ସେବି
ଲୋ ମାତ ତୁଳସୀ ଦେବୀ ।"

ତୁଳସୀ ବୃକ୍ଷ ହିନ୍ଦୁ ଧର୍ମରେ ଏକ ପବିତ୍ର ବୃକ୍ଷ ବୋଲି ବିଚାର ବା ବିଶ୍ୱାସ କରାଯାଏ । ସ୍ୱୟଂ ବିଷ୍ଣୁ ଏହାକୁ ମସ୍ତକରେ ଧାରଣ କରିଥାନ୍ତି । ସମସ୍ତ ଦେବତା ମଧ୍ୟ ତୁଳସୀ ବୃକ୍ଷରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ । ଆହୁରି ମଧ୍ୟ ପୁଣ୍ୟଭୂମି ଓଡ଼ିଶାର ବଡ଼ଠାକୁରଙ୍କର ଭୋଗରେ ତୁଳସୀ ପତର ଭୋଗ ହୁଏ ।ସେଥିପାଇଁ ତୁଳସୀ ବୃକ୍ଷକୁ ପ୍ରତ୍ୟେକ ହିନ୍ଦୁନାରୀ ପ୍ରତ୍ୟହ ସଞ୍ଜ ସକାଳ ପୂଜା କରିଥାନ୍ତି । ପ୍ରାୟ ସମସ୍ତଙ୍କ ଘର ଆଗରେ ତୁଳସୀ ଚଉରାଟିଏ ରହିଥାଏ । ଏଥିରି ପ୍ରମାଣିତ ହୁଏ ତୁଳସୀ ଦେବୀଙ୍କୁ ସମସ୍ତେ ବିଶ୍ୱାସ କରିଥାନ୍ତି । ତାହା ଛଡ଼ା ତୁଳସୀ ବୃକ୍ଷର ଔଷଧୀୟ ଗୁଣ ସ୍ୱାସ୍ଥ୍ୟପ୍ରତି ବେଶ ହିତକର । ତୁଳସୀ ପତ୍ର ସହ ମହୁ ମିଶାଇ ଖାଇଲେ କାଶ, ଥଣ୍ଡା ଇତ୍ୟାଦି ରୋଗ ଭଲ ହୋଇଥାଏ ।

ଅନୁରୂପ ଭାବେ କୁହାଯାଇଛି

"ତୁଳସୀ ରାଣୀ
ଜାଣି ନଜାଣି ମୁଁ ଦେଉଛି ପାଣି
ତୁ ନଉଥା ମୋତେ ଟାଣି ।"

ଅର୍ଥାତ ପ୍ରତ୍ୟେକ ହିନ୍ଦୁନାରୀ ତୁଳସୀ ଗଛମୂଳରେ ନିତି ଗାଧୋଇ ପାଣିଦିଏ ଓ ନିଜର ଦୁଃଖ ଜଣାଇ ମୁଣ୍ଡିଆମାରେ ଏବଂ ସୁଫଳ ପାଇଥାଏ ।

"ଖାଇବୁ ନିମ ପିତା
ହୋଇବୁ ଜଗତ ଜିତା ।"

ନିମ ଗଛର ପିତା ଖାଇଲେ ମଣିଷ ରୋଗମୁକ୍ତ ହୋଇଥାଏ । ପିତା ଖାଇବା ଦ୍ୱାରା ଶରୀରରେ ଥିବା ଜୀବାଣୁ ଓ କୃମି ମରିଯାଇଥାନ୍ତି । ଫଳରେ ଦେହ ସୁସ୍ଥ ଓ ନିରାମୟ ରହେ । ତାହାଛଡ଼ା ନିମ୍ବ ଗଛକୁ ହିନ୍ଦୁ ସଂସ୍କୃତିରେ ପୂଜା କରାଯାଏ । କାରଣ ନିମ୍ବଗଛ କାଠରେ ଓଡ଼ିଶାର ବଡ଼ଠାକୁର ଶ୍ରୀ ଜଗନ୍ନାଥଙ୍କର ମୂର୍ତ୍ତି ତିଆରିକରାଯାଏ ତା'ର ଅନ୍ୟନାମ ଦାରୁବୃକ୍ଷ ବୋଲି ମଧ୍ୟ କୁହାଯାଏ ।

"ତୁଳସୀ ଗଛ
ଖତ କୁଢ଼ରେ ଥିଲେ ମଧ୍ୟ ଶୁଦ୍ଧ ।"

ତୁଳସୀ ବୃକ୍ଷ ଯେଉଁଠି ଥିଲେ ମଧ୍ୟ ତାହା ପୂଜନୀୟ । ସମସ୍ତେ ତାହାକୁ ପୂଜା କରନ୍ତି । ତୁଳସୀ ବୃକ୍ଷକୁ ତୁଳସୀ ଦେବୀ ବୋଲି ଲୋକେ କହନ୍ତି ।

ମଣିଷ ଚିରକାଳ ପ୍ରକୃତି ନିର୍ଭର । ନିଃସର୍ଗର କୋଳରେ ମଣିଷର ଜନ୍ମ ଓ ବିକାଶ । ମଣିଷ ନିଜର ବିକାଶ ପାଇଁ ଉପଯୁକ୍ତ ମତେ ପ୍ରକୃତିକୁ ଉପଯୋଗ କରିଚି । ସେଇ ଉପଯୋଗର ପ୍ରକ୍ରିୟା ପରଂପରା କ୍ରମେ ମଣିଷ ଶିଖିଚି ନିଜ ଅଭିଜ୍ଞତାରୁ । କେବଳ ଶିଖିନାଇଁ ସେଇ ଶିଖିବାର କ୍ରମବିବର୍ତ୍ତନ ମଧ୍ୟ ଘଟାଉଛି । ଏପରିଭାବେ ପ୍ରାଣି ଓ ଉଭିଦ ଜଗତର ସମଭିବ୍ୟାହାରରେ ମଣିଷ ନିଜକୁ ଓ ନିଜର ଜୀବନ ଯାପନକୁ ସମୃଦ୍ଧ କରୁଛି । ଉଭିଦ ଜଗତ ସହିତ ଆପଣାର ନୈକଟ୍ୟର ନାନା ନମୁନା ମଣିଷର ଲୋକୋକ୍ତି ମାଧ୍ୟମରେ ପ୍ରକାଶିତ ହୋଇଛି । ଏଇ ଲୋକୋକ୍ତିଗୁଡ଼ିକ ଉଭିଦର ନାନାନୁ ଉପଯୋଗିତା, ତତ୍‌କୈନ୍ଦ୍ରିକ ମାନୁଷିକ ବିଶ୍ୱାସ ଆଦିକୁ ଧାରଣ କରି ଓଡ଼ିଆ ମୌଖିକ ପରମ୍ପରାକୁ ଯଥେଷ୍ଟ ସମୃଦ୍ଧ କରିଛି ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଖଇରା ମହାବିଦ୍ୟାଳୟ,ଖଇରା,ବାଲେଶ୍ୱର
ଦୂରଭାଷ : ୯୦୭୮୯୨୭୫୦୦, ୮୦୯୩୫୯୭୮୪୫